# ପୋଖରୀରେ ବୁଡ଼ିଯାଇ ଦୁଇ ଛାତ୍ରୀ ମୃତ

ଜଗତସିଂହପୁର,୧୫।୪/ଏନ୍ଏନ୍ଏସ୍ : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର କୋକିପଦା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଦୁଇ ଛାତ୍ରୀଙ୍କ ମୃତ୍ୟୁ ହୋଇଛି । ଗ୍ରାମର ଶରତ ଖଣ୍ଡୁଆଳଙ୍କ ଝିଅ ରାଖିରାଣୀ ଖଣ୍ଡୁଆଳ( ୧୧ ) ଓ ସେହି ଗ୍ରାମର ରସାନନ୍ଦ ଜେନାଙ୍କ ଝିଅ ମନସ୍ମିତା ଜେନା( ୯ ) ପୂର୍ବାହ୍ନ ୧୦ଟା ସମୟରେ ସାଙ୍ଗ ହୋଇ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ସେମାନଙ୍କ ଗୋଡ଼ ଖସିଯିବା ପରେ ପହଁରା ଜାଣି ନଥିବାରୁ ଦୁହେଁ ପାଣିରେ ବୁଡ଼ି ଯାଇଥିଲେ । ପୋଖରୀରେ ଗାଧୋଉଥିବା ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ▶▶ ୭

ନିତିଦିନ NITIDIN
Mon, Apr 16, 2018
http://odishanewsnitidin.com